| | |
|---|---|
| **Headline:** NSE to Organise 50 Investor Awareness programmes in Odhisa | |
| **Source:** Prameya | **Date:** 11 August 2015 |

# ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୫୦ ଏନ୍ଏସ୍ଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୮(ବ୍ୟୁରୋ): ଭାରତର ପ୍ରମୁଖ ଅଂଶଧନ ବଜାର ନ୍ୟାସନାଲ୍ ଷ୍ଟକ୍ ଏନ୍ଏସ୍ଇ (ଏନ୍ଏସ୍ଇ) ଚଳିତ ଆର୍ଥିକ ବର୍ଷ ରାଜ୍ୟରେ ମୋଟ୍ ୫୦ଟି ନିବେଶକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛି। ଏହା ମାଧ୍ୟମରେ ଏନ୍ଏସ୍ଇ ସାଧାରଣ ଲୋକଙ୍କୁ ଷ୍ଟକ୍ ମାର୍କେଟ୍, ଫାଇନାନ୍ସିଆଲ୍ ପ୍ଲାନିଂ, ନିରାପଦ ନିବେଶ ଭଳି ଦିଗରେ ସଚେତନତା ସୃଷ୍ଟି କରିବା ସହ ଦେଶର ଅଂଶଧନ ବଜାରରେ ନିବେଶ ପାଇଁ ପ୍ରୋତ୍ସାହିତ କରୁଛି। ଏ ସମ୍ପର୍କରେ ସୂଚନା ଦେଇ ଏନ୍ଏସ୍ଇ ପ୍ରବନ୍ଧକ ଶ୍ରେୟା ବିଶ୍ୱାସ କହିଛନ୍ତି, ୨୦୧୫-୧୬ରେ ବର୍ତ୍ତମାନ ସୁଦ୍ଧା ଏନ୍ଏସ୍ଇ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ନୟାଗଡ଼, ଢେଙ୍କାନାଳ, ଅନୁଗୁଳ ଭଳି ୯ଟି ଜିଲ୍ଲାରେ ୯ଟି ନିବେଶକ ସଚେତନତା କାର୍ଯ୍ୟକ୍ରମ କରିସାରିଛି। ଆଗାମୀ ଦିନରେ ଆଉ ୪୧ଟି ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ସେ କହିଛନ୍ତି, ଗତ ଆର୍ଥିକ ବର୍ଷ ଏନ୍ଏସ୍ ଏନ୍ଏସ୍ଇ ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମୋଟ୍ ୧୩୫ଟି ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା।